## ସଂକ୍ଷେପରେ

### ଦିବ୍ୟଦର୍ଶନ ଆଶ୍ରମର ପ୍ରତିଷ୍ଠା ଦିବସ

ପଦ୍ମପୁର, ୨୫।୪ (ପ୍ରଶାନ୍ତ କୁମାର କର)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜୁନଙ୍କ ଦ୍ୱାରା ପ୍ରତିଷ୍ଠିତ ଦିବ୍ୟଦର୍ଶନ ସଂଘ ଆନୁକୂଲ୍ୟରେ ପଦ୍ମପୁରଠାରେ ନିର୍ମିତ ଦିବ୍ୟଦର୍ଶନ ଆଶ୍ରମର ୧୯ ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଦିବ୍ୟ ସତ୍‌ସଙ୍ଗରେ କେନ୍ଦ୍ରୀୟ କମିଟିର ସଭାପତି ପୂଜ୍ୟ ରବୀନ୍ଦ୍ରନାଥ ଭାଇ, ସମ୍ପାଦକ କେଶବ ଭାଇ ଓ କୋଷାଧ୍ୟକ୍ଷ ନିରଞ୍ଜନ ଭାଇ ଯୋଗଦାନକରି ଆଶ୍ରମ ଏବଂ ଗୁରୁଙ୍କ ଆବଶ୍ୟକତା ଓ ମହାନତା ତଥା ଜ୍ଞାନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସତ୍‌ସଙ୍ଗରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଭଉଣୀ ଭାଇ ଯୋଗଦାନ କରିଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ପ୍ରକାରେ ୬ରୁ ୭ଟା ଯାଏଁ ଦିବ୍ୟଦର୍ଶନ ଶିଷ୍ୟମାନେ ଆଶ୍ରମରୁ ଗୁରୁନାମ ନଗର ସଂକୀର୍ତ୍ତନ କରି ପଦ୍ମପୁର ବଜାର ରାସ୍ତାରେ ସୁନାରି ଘାଇ ଛକ ପର୍ଯ୍ୟନ୍ତ ଯାଇ ଫେରିଥିଲେ। ଗଜପତି ଜିଲାର ଶବରପଲ୍ଲୀ , ଭୁବନେଶ୍ୱର, ନବରଙ୍ଗପୁର, ରାୟଗଡ଼ା ଇତ୍ୟାଦି ବିଭିନ୍ନ ସ୍ଥାନରୁ ଭଉଣୀଭାଇମାନେ ଯୋଗଦାନ କରିଥିଲେ । ସ୍ଥାନୀୟ ପଦ୍ମପୁର ଓ ଗୁରୁତୀର୍ଥ ଶାଖାର ଭାଇଙ୍କ ମିଳିତ ଉଦ୍ୟମରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ରବୀନ୍ଦ୍ରନାଥ ଭାଇ ନୂତନ ଭାବେ ସଭାପତି ଭାବରେ କେନ୍ଦ୍ରୀୟ କମିଟି ନିମନ୍ତେ ନିର୍ବାଚିତ ହୋଇ ପ୍ରଥମ କରି ଗୁରୁତୀର୍ଥ ଗୁଡିଆବନ୍ଧ ଶାଖାର ଦିବ୍ୟ ସତ୍‌ସଙ୍ଗରେ ଯୋଗଦାନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୧୧ ଭଉଣୀ ଭାଇ ଦୀକ୍ଷା ଗ୍ରହଣ କରିଥିଲେ । ସେମାନଙ୍କୁ କୋଷାଧ୍ୟକ୍ଷ ପୂଜ୍ୟ ନିରଞ୍ଜନ ଭାଇ ଦିବ୍ୟଦର୍ଶନ ଶୈଳୀରେ ଶପଥ ପାଠ କରାଇ ଦୀକ୍ଷାଦାନ କରିଥିଲେ ।

### ନାବାଳିକା ଅପହରଣ ମାମଲା: ଅଭିଯୁକ୍ତଙ୍କୁ ୪ବର୍ଷ ଜେଲ

ବ୍ରହ୍ମପୁର,୨୫।୪(ସୁବାସ ଚନ୍ଦ୍ର ପାଢ଼ୀ):

ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗୁରୁବାର ଏକ ନାବାଳିକା ଅପହରଣ ମାମଲାର ଅଭିଯୁକ୍ତଙ୍କୁ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୬ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୧ ମାସ ୨୨ ଦିନ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଶିବ ରଞ୍ଜନ ଦାସ ଓରଫ କାଳିଆ(୩୨)। ୨୦୨୧ ଫେବୃଆରୀ ୨୪ ତାରିଖରେ ଗୋଳନ୍ଥରା ଥାନା ଅଞ୍ଚଳରୁ ଜଣେ ୧୪ବର୍ଷୀୟା ନାବାଳିକା ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୫୦/୨୧ରେ ମାମଲା ରୁଜୁ କରିଥିଲା। ଘଟଣାର ୪ଦିନ ପରେ ଗୋପାଳପୁର ଥାନା ଅଞ୍ଚଳରେ କାଳିଆଙ୍କ ଘରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କୁ କାବୁ କରିଥିଲା। ଉଭୟ ପୀଡ଼ିତା ଓ କାଳିଆଙ୍କ ଡାକ୍ତରୀମାଇନା କରାଯାଇଥିଲା। ପୀଡ଼ିତାଙ୍କ ଅଭିଯୋଗକ୍ରମେ କାଳିଆଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ତାଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ସେ କୋର୍ଟରେ ହାଜର ନ ହେବାରୁ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ପୋଲିସ ତାଙ୍କୁ ଗତ ଡିସେମ୍ବର ୮ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୧ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

# ବିଦ୍ୟାଳୟ ଫାଟକ ଆଗରେ ୨ଘଣ୍ଟା ଛିଡ଼ା ହେଲେ ଶିକ୍ଷୟିତ୍ରୀ

ସୁନାବେଡା, ୨୫।୪(କୃତ୍ତିବାସ ପ୍ରଧାନ)




ବିଦ୍ୟାଳୟ ଫାଟକ ସମ୍ମୁଖରେ ଛିଡା ହୋଇଥିବା ଶିକ୍ଷୟିତ୍ରୀ।

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ବଢୁଥିବା ହେତୁ ସରକାର ୨୫ ତାରିଖଠାରୁ ରାଜ୍ୟର ସମସ୍ତ ବିଦ୍ୟାଳୟଗୁଡିକୁ ଛୁଟି ଘୋଷଣା କରିଛନ୍ତି। ତେବେ ଚଳିତ ବର୍ଷର ନୂଆ ପିଲାମାନଙ୍କ ନାମ ଲେଖାଇବା ଏବଂ ପୁରୁଣା ପିଲାଙ୍କ ଟିସି (ଟ୍ରାନ୍ସଫର ସାର୍ଟିଫିକେଟ ) ପ୍ରଦାନ କରିବା ଭଳି କାର୍ଯ୍ୟକୁ ନେଇ କିଛି ଦିନ ସ୍କୁଲ ଖୋଲିବ ଯେଉଁଥିରେ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ରହିବା ପାଇଁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି। ମାତ୍ର ସୁନାବେଡା ମିଗ୍ –୪ ଉଚ୍ଚ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ବିଦ୍ୟାଳୟଟି ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହି। ଏହା ଏକ ଆଶ୍ରମ ବିଦ୍ୟାଳୟ ହୋଇଥିବାରୁ ଏଠାରେ ପିଲାଙ୍କ ହଷ୍ଟେଲ ରହିଛି। ଏଠାରେ ଅଭିଯୋଗ ହୋଇଛି ଯେ ସରକାର ୨୪ ତାରିଖ ଶେଷ କାର୍ଯ୍ୟ ଦିବସ ଘୋଷଣା କରିବା ପରେ ସ୍କୁଲ୍ କର୍ତ୍ତୃପକ୍ଷ ହଷ୍ଟେଲ ପିଲାଙ୍କୁ ଅଭିଭାବକଙ୍କ ଜିମା ଦେଇ ବିଦ୍ୟାଳୟକୁ ସବୁ ଦିନ ପାଇଁ ବନ୍ଦ କରିଦେଲେ। ଗୁରୁବାର ସ୍କୁଲ୍‌ର ଜଣେ ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ନମିତା ମଞ୍ଜରୀ ନାୟକ ସକାଳ ସାଢେ ୬ଟାରେ ବିଦ୍ୟାଳୟକୁ ଆସିଥିଲେ। ବିଦ୍ୟାଳୟ ଫାଟକରେ ତାଲା ଝୁଲୁଥିବା ହେତୁ ସେଠାରେ ଅପେକ୍ଷା କରିଥିଲେ। ମାତ୍ର ଦୀର୍ଘ ସମୟ ଧରି ପ୍ରଧାନ ଶିକ୍ଷୟିତ୍ରୀ ଆସି ନ ଥିଲେ। ସରକାର କେବଳ ପିଲାଙ୍କୁ ସ୍କୁଲ୍ ଆସିବାକୁ ବାରଣ କରି ଛୁଟି ଘୋଷଣା କରିଥିଲେ ମଧ୍ୟ ଅଫିସ୍ ଓ ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ପାଇଁ ଛୁଟି ଘୋଷଣା ହୋଇନାହିଁ। ଅଥଚ ଏଠାରେ କେଉଁ କାରଣରୁ ପ୍ରଧାନ ଶିକ୍ଷୟିତ୍ରୀ ସ୍କୁଲ୍ ସମ୍ପୂର୍ଣ୍ଣ ବନ୍ଦ କରିଦେଲେ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏନେଇ ସିଆରସିସି ସ୍ନେହଲତା ଦାସଙ୍କୁ ପଚାରିବାରୁ ସ୍କୁଲ କେବଳ ପିଲାଙ୍କ ପାଇଁ ଛୁଟି ରହିଛି। ଶିକ୍ଷୟିତ୍ରୀ ଶିକ୍ଷକ ଅବା କୌଣସି ଅଫିସ୍ କର୍ମଚାରୀଙ୍କ ପାଇଁ ସକାଳ ସାଢେ ୬ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ସ୍କୁଲ ଖୋଲା ରହିବ। ତା’ଛଡା ଘଟିଥିବା ଘଟଣା ସମ୍ପର୍କରେ ସେ ଅବଗତ ଅଛନ୍ତି। ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ଆସି ସ୍କୁଲ ଫାଟକ ସମ୍ମୁଖରେ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଠିଆ ହେବା ଦୁଃଖଦ ଘଟଣା। ଏ ସମସ୍ତ ବିଷୟରେ ଲିଖିତ ଭାବେ ବ୍ଲକ ଶିକ୍ଷାଧିକାରୀ ଚମେଲି ମଜୁମଦାରଙ୍କୁ ଅବଗତ କରାଇଥିବା ସେ କହିଛନ୍ତି। ଅନ୍ୟ ପଟେ ସେମିଳିଗୁଡା ବ୍ଲକ୍ ଶିକ୍ଷା ଅଧିକାରୀ ଚମେଲି ମଜୁମଦାରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ରାସ୍ତାକଡ଼ରୁ ମିଳିଲା ଯୁବକଙ୍କ କ୍ଷତବିକ୍ଷତ ମୃତଦେହ

ଉମରକୋଟ, ୨୫।୪(ସନ୍ତୋଷ ଶତପଥୀ)

**ହତ୍ୟା ଅଭିଯୋଗ ଆଣିଲା ପରିବାର**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ପନାରଚୂଆ ଗ୍ରାମ ନିକଟ ରାସ୍ତା କଡ଼ରୁ ଗୁରୁବାର ଜଣେ ଯୁବକଙ୍କ କ୍ଷତବିକ୍ଷତ ମୃତଦେହ ମିଳିଛି। ମୃତକ ହେଲେ ୟୁଭି ୧୪ ଜାମୁରଣ୍ଡା ଗ୍ରାମର ବିଶ୍ୱଜିତ ରାଣା (୪୩)। ବିଶ୍ୱଜିତଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତାଙ୍କ ଦାଦା ନନି ଗୋପାଳ ରାଣା ଉମରକୋଟ ଥାନାରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୨୦୯/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ପରିବାର ଲୋକଙ୍କ ସୂଚନାନୁଯାୟୀ ବିଶ୍ୱଜିତ ରାତିରେ ଖାଇ ସାରିବା ପରେ ବାଇକ୍ ଯୋଗେ ଜମିରେ ଥିବା ଘରକୁ ଶୋଇବାକୁ ଯାଇଥିଲେ। କିନ୍ତୁ ଗୁରୁବାର ସକାଳେ ଜମିଠାରୁ ଅଳ୍ପ ଦୂରରେ ବିଶ୍ୱଜିତଙ୍କ ମୃତଦେହ ମିଳିଥିଲ। ତାଙ୍କ ମୁହଁ ଓ ମୁଣ୍ଡରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାର କ୍ଷତ ଚିହ୍ନ ରହିଛି। ଗ୍ରାମର କେତେଜଣ ଲୋକ ସେହି ରାସ୍ତା ଦେଇ ଯାଉଥିବା ସମୟରେ ବିଶ୍ୱଜିତଙ୍କ ମୃତଦେହ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ବିଶ୍ୱଜିତଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ମୃତଦେହରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏସ୍‌ଆଇ ଶିବାଜୀ ପଣ୍ଡା ଘଟଣାର ତଦନ୍ତ କରୁଛନ୍ତି।

# ନାମାଙ୍କନ କଲେ ୧୩

**ପ୍ରାର୍ଥିପତ୍ର ଦାଖଲର ଶେଷ ଦିବସରେ**

କୋରାପୁଟ,୨୫।୪
(ଅମିତାଭ ବେହେରା)



ଉପଜିଲାପାଳ ବେଣୁଧର ଶବରଙ୍କ ନିକଟରେ ସ୍ୱାଧୀନ ପ୍ରାର୍ଥୀ ଭାଗୀରଥି ପଟ୍ଟନିୟା ନିଜ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

ନାମାଙ୍କନ ପତ୍ର ଦାଖଲର ଶେଷ ଦିବସରେ ଗୁରବାର କୋରାପୁଟ ଲୋକସଭା ଆସନ ପାଇଁ ୪ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କୋରାପୁଟ ଉପଖଣ୍ଡର କୋରାପୁଟ ବିଧାନସଭା ଆସନପାଇଁ ୬ ଜଣ , ପଟ୍ଟାଙ୍ଗି ଲାଗି ୩ ଜଣ ଏପରି ୯ ଜଣ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗୁରବାର କୋରାପୁଟ ଲୋକସଭା ଆସନରେ ସିପିଆଇ(ଏମଏଲ୍) ପ୍ରାର୍ଥୀ ପ୍ରକାଶ ହିକକା ଓ ରାଜେନ୍ଦ୍ର ମାଝି ତାଙ୍କର ନାମାଙ୍କନ ପତ୍ର ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ନିକଟରେ ଦାଖଲ କରିଥିଲେ। ପରେ ନବ ଭାରତ ନିର୍ମାଣ ସେବା ଦଳର ସୁମନ କାନ୍ତ ଏବଂ ସ୍ୱାଧୀନ ପ୍ରାର୍ଥୀ ରଘୁମଣି ଗମାଙ୍ଗ ଆଦି ୪ ଜଣ ନିଜର ପାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଗୁରବାର କୋରାପୁଟ ଉପଖଣ୍ଡ ଅନ୍ତର୍ଗତ କୋରାପୁଟ ନିର୍ବାଚନ ମଣ୍ଡଳୀରେ ଆପ୍ ପ୍ରାର୍ଥୀ କର୍ପୁର ହନ୍ତାଳ, ନବଭାରତ ନିର୍ମାଣ ସେବା ଦଳର ସଞ୍ଜୟ ଗରଡା, ସ୍ୱାଧୀନ ପ୍ରାର୍ଥୀ ଭାବେ କାହ୍ନୁ କୁଲଦୀପ, ଭାଗିରଥି ପାଟନିଆ, ଭୁବନ ଖରା , ରଞ୍ଜନ ଖରା ଆଦି ମୋଟ ୬ ଜଣ କୋରାପୁଟ ଉପଜିଲାପାଳ ବେଣୁଧର ଶବରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ପଟ୍ଟାଙ୍ଗି ବିଧାସନଭା ଆସନ ନିମନ୍ତେ ଏଆଇଏମଏନପିର ପ୍ରାର୍ଥୀ ଫୁଲମଣି ପାଙ୍ଗିଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ଭାବେ ଶାମ୍ଭା ପାଙ୍ଗି ଓ ଅମ୍ବିକା କୁମାରୀ ପାଙ୍ଗି ସହକାରୀ ଉପଜିଲାପାଳ ସଂଯୁକ୍ତା ବାଙ୍କାଙ୍କ ନିକଟରେ ନିଜ ନାମାଙ୍କନପତ୍ର ଦାଖଲ କରଛନ୍ତି।

## ନାମାଙ୍କନପତ୍ର ଦାଖଲ ଶେଷ ପଟ୍ଟାଙ୍ଗି ବିଧାନସଭା ଆସନରେ ୧୧ ପ୍ରାର୍ଥୀ

କୋରାପୁଟ,୨୫।୪(ଅମିତାଭ ବେହେରା)

ଗୁରବାର ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଶେଷ ହୋଇଛି। ଜିଲାର ପଟ୍ଟାଙ୍ଗି ବିଧାନସଭା ଆସନରେ ସମୁଦାୟ ୧୧ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାଯାଇଛି। ସେଥିମଧ୍ୟରେ ରହିଛନ୍ତି ବିଜେଡିରୁ ପ୍ରଫୁଲ୍ଲ ପାଙ୍ଗି, ଭାଜପାରୁ ଚୈତନ୍ୟ ନନ୍ଦିବାଲି, କଂଗ୍ରେସରୁ ରାମଚନ୍ଦ୍ର କାଡାମ, ବିଏସ୍‌ପିରୁ ମୁରଲିଧର ଗୁଣ୍ଟା, ରିପବ୍ଲିକ ପାର୍ଟି ଅଫ ଇଣ୍ଡିଆରୁ ସ୍ନେହପାତ୍ର ସାନ୍ତା, ଏଆଇଏମ୍‌ଏନପିରୁ ଫୁଲମଣି ପାଙ୍ଗି, ସ୍ୱାଧୀନ ପ୍ରାର୍ଥୀ ଭାବେ ଚୈତନ୍ୟ ହନ୍ତାଳ, ଗଙ୍ଗାମା ମାଝି, କୃଷ୍ଣଚନ୍ଦ୍ର ଜାନି, ଶାମ୍ଭା ପାଙ୍ଗି, ଅମ୍ବିକା ପାଙ୍ଗି। ଶୁକ୍ରବାର ନାମାଙ୍କନପତ୍ର ଯାଞ୍ଚ ପାଇଁ ଧାର୍ଯ୍ୟ ହୋଇଥିବାବେଳେ ସଂନ୍ଧ୍ୟାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ଶେଷ ଦିବସରେ ନାମାଙ୍କନପତ୍ର ଦାଖଲକଲେ ୯ ପ୍ରାର୍ଥୀ

ଜୟପୁର, ୨୫।୪(ପବନ ପାଣିଗ୍ରାହୀ)

ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାର ଥିଲା ନାମାଙ୍କନ ଦାଖଲର ଶେଷ ଦିବସ। ଶେଷ ଦିବସରେ ଦଳୀୟ ପ୍ରାର୍ଥୀଙ୍କ ସହ ଅନେକ ସ୍ୱାଧୀନ ପ୍ରାର୍ଥୀ ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ଜୟପୁର ବିଧାୟନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଗୌତମ ସାମନ୍ତରାୟ ପୁଣି ଥରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସହରର ଅଧିଷ୍ଠାତ୍ରୀ ଦେବୀ ମା’ ଭଗବତୀଙ୍କ ଆଶୀର୍ବାଦ ନେଇ ଗୌତମ ଏକ ବିରାଟ ଶୋଭାଯାତ୍ରାରେ ରାଜାନହର ଛକରୁ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ମା’ ଜଗଜ୍ଜନନୀଙ୍କ ମନ୍ଦିରରେ ମା’ଙ୍କ ଆଶୀର୍ବାଦ ନେଇ ସେ ଶୋଭାଯାତ୍ରାରେ ବାହାରିଥିଲେ। ପ୍ରଥମ ପର୍ଯ୍ୟାୟ ନାମାଙ୍କନର ଶେଷ ଦିବସରେ ବିଭିନ୍ନ ଦଳର ୯ ଜଣ ବିଭିନ୍ନ ଦଳର ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିଥିଲେ। ସ୍ୱାଧୀନ ପ୍ରାର୍ଥୀ ଭାବେ ୫ ଜଣ ନାମାଙ୍କନ କରିଛନ୍ତି। ସେମାନେ ହେଲେ ସିମାଞ୍ଚଳ ମହାଙ୍କୁଡ, ନୀଳ ମାଧବ ବିଷୋୟୀ, ଅସନ୍ତୁଷ୍ଟ ଯୁବନେତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କ ନାତି ପ୍ରୀତୀଶ ପଟ୍ଟନାୟକ, ବସନ୍ତ ପାତ୍ର, ନମିତା ଖରା। ଆମ ଆଦ୍‌ମୀ ପାର୍ଟିର ବିଧାୟକ ପ୍ରାର୍ଥୀ ଗୌରିଚରଣ ଦେବଶର୍ମା ଜୟପୁର ନିବାଚନମଣ୍ଡଳୀ ପାଇଁ ଏବଂ କୋଟପାଡ ନିବାଚନମଣ୍ଡଳୀ ପାଇଁ ରାମକୃଷ୍ଣ ପୂଜାରୀ, ଦେବକୀ ଗାଦବା କେତନ ସମର୍ଥ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ।

# ଜିଲା ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

ଜୟପୁର, ୨୫।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ନିବାଚନ ପର୍ଯ୍ୟବେକ୍ଷକ ପ୍ରିୟଙ୍କା ଗୋସ୍ୱାମୀ ଗୁରୁବାର ନିର୍ବାଚନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି । ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ହୋଇଥିବା କଣ୍ଟ୍ରୋଲ ରୁମ୍‌ରେ ସେ ସମୀକ୍ଷାକରି ଭୋଟଦାନ କେନ୍ଦ୍ର ଓ ଜୟପୁର ଉପ ଜିଲାପାଳଙ୍କ କେନ୍ଦ୍ରରେ ଜାରି ରହିଥିବା ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟାର ତଦାରଖ କରିଥିଲେ। ଏହି ସମୟରେ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ସହ ଜୟପୁର ବିଡିଓ ଶକ୍ତି ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଉପସ୍ଥିତ ଥିଲେ।



ନିର୍ବାଚନ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରୁଛନ୍ତି ପର୍ଯ୍ୟବେକ୍ଷକ।

## ରେଳ ଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର,୨୫।୪(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ ଆମ୍ବପୁଆ ବିବେକ ବିହାର ନିକଟ ରେଳଧାରଣାରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ୩୫ରୁ ୪୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ପ୍ରାଥମିକ ତଦନ୍ତରୁ ଯୁବକ ଜଣଙ୍କ କୌଣସି ଚଳନ୍ତା ଟ୍ରେନ ସମ୍ମୁଖକୁ ଆସି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ଏ ସଂକ୍ରାନ୍ତରେ ରେଳବାଇ ଥାନାରେ ଅପମୃତ୍ୟୁ ମାମଲା ନଂ. ୩୩/୨୪ ରୁଜୁ ହୋଇଛି। ପୋଲିସ ମୃତଦେହକୁ ଏମକେସିଜି ମେଡିକାଲରେ ବ୍ୟବଚ୍ଛେଦ କରାଇ ସେଠାରେ ସଂରକ୍ଷିତ କରି ରଖାଯାଇଛି । ସମ୍ପର୍କୀୟମାନେ ଆସିଲେ ମୃତ ଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି ।

## କଂଗ୍ରେସରେ ଯୋଗଦେଲେ ବିଜୟ



ବିଜୟଙ୍କୁ ତାରାପ୍ରସାଦ ବାହିନୀପତି ସ୍ୱାଗତ କରୁଛନ୍ତି।

ବୋରିଗୁମ୍ମା,୨୫।୪(ବିଜୟ ସାହୁ)

ଭାଜପାର ପୂର୍ବତନ ମଣ୍ଡଳ ସଭାପତି ବିଜୟ ନାରାୟଣ ସାହୁ ନିଜ ଶତାଧିକ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗ ଦେଇଛନ୍ତି । ବୋରିଗୁମ୍ମା ନୂଆ ବସଷ୍ଟାଣ୍ଡ ନିକଟରୁ ପଦଯାତ୍ରା କରି ନବରଙ୍ଗପୁର ରୋଡସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ସେ ପହଞ୍ଚିଥିଲେ। ସେଠାରେ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ତାଙ୍କୁ ସ୍ୱାଗତ କରିଥିଲେ । ବୋରିଗୁମ୍ମା ବ୍ଲକର ଅନେକ ପଞ୍ଚାୟତରେ ବିଜୟଙ୍କ ସମର୍ଥକ ଏବଂ ସଙ୍ଗଠନ ସୁଦୃଢ଼ ରହିଛି, ଏହା କଂଗ୍ରେସକୁ ଆଗାମୀ ନିର୍ବାଚନରେ ସହାୟକ ହେବ। ଜିଲା ଭାଜପା ନେତାଙ୍କ ରାଜନୀତିରେ ଅତିଷ୍ଠ ହୋଇ ଜୟପୁର ବିଧାୟକ ପ୍ରାର୍ଥୀଙ୍କ ପ୍ରତି ଆଶାବ୍ୟକ୍ତ କରି ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ବିଜୟ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ୫୫ ଗଛରେ ପକ୍ଷୀଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା

**ଜୟପୁର ବନାଞ୍ଚଳ**

ଜୟପୁର, ୨୫।୪(ପବନ ପାଣିଗ୍ରାହୀ)

ଏବେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ ପକ୍ଷୀମାନେ ମଧ୍ୟ ଅଂଶୁଘାତରୁ ବର୍ତ୍ତିପାରୁନାହାନ୍ତି। ଅଂଶୁଘାତରେ ଅନେକ ପକ୍ଷୀଙ୍କ ମୃତ୍ୟୁ ହେଉଛି। ଏହାର ମୁକାବିଲା କରିବାକୁ ଆମ ଜଙ୍ଗଲ ଯୋଜନାରେ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ଜୟପୁର ବନାଞ୍ଚଳ ପକ୍ଷରୁ ଘାଟଗୁମର ଜଙ୍ଗଲରେ ଗଛରେ ଝୁଲନ୍ତା ଜଳପାତ୍ର ବ୍ୟବସ୍ଥା କରାଯାଇଛି। ୫୫ଟି ଗଛରେ ପକ୍ଷୀ ଏବଂ ସେମାନଙ୍କ ମା’ମାନଙ୍କ ଏପରି ପାନୀୟ ଜଳ ବ୍ୟବସ୍ଥା ହୋଇଛି । ଜୟପୁର ବନାଞ୍ଚଳରେ ୧୨ଟି ଜଙ୍ଗଲରେ ପକ୍ଷୀମାନଙ୍କ ଲାଗି ଏପରି ବ୍ୟବସ୍ଥା ସପ୍ତାହବ୍ୟାପୀ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା କହିଛନ୍ତି । ଏଥିସହ ଗ୍ରାମବାସୀଙ୍କ ପାଇଁ ୬ଟି ପାନୀୟ ଜଳ ସେବାକେନ୍ଦ୍ରର ବ୍ୟବସ୍ଥା ମଧ୍ୟ କରାଯାଇଥିବା ପରିଡା କହିଛନ୍ତି।



ଏକ ଗଛ ଉପରେ ପକ୍ଷୀମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଉଛି ।

## ଗଞ୍ଜେଇ ଜବତ ; ୨ ଗିରଫ

ମୋହନା ୨୫।୪ (ମନ୍ମଥନାଥ ମିଶ୍ର)

ମହାରାଷ୍ଟ୍ର ଚାଲାଣ ବେଳେ ପିକଅପ ଭ୍ୟାନରୁ କୋଟିଏ ଟଙ୍କାର ଗଞ୍ଜେଇ ଜବତ କଲା ପୋଲିସ। ଚାଲାଣରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗଜପତି ଜିଲା ମୋହନା ଥାନା ପୋଲିସ କମଳାପୁର ଗେଟ ନିକଟରେ ଯାନ ବାହନ ଯାଞ୍ଚ କରୁଥିବା ବେଳେ ପୋଲିସକୁ ଦେଖି ଚାଲାଣକାରୀ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିଲେ । ପୋଲିସ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା। ଘଟଣାସ୍ଥଳରୁ ପୋଲିସ ୩୩ ବସ୍ତା ଗଞ୍ଜେଇ, ଯାହାର ଓଜନ ୧୦ କୁଇଣ୍ଟାଲ ୯ କେଜି ଓ ଆନୁମାନିକ ମୂଲ୍ୟ କୋଟିଏ ଟଙ୍କା ହେବ ଜବତ କରାଯାଇଛି। ତାଙ୍କ ନିକଟରୁ ନଗଦ ୩୫ ହଜାର ଟଙ୍କା ମଧ୍ୟ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୋହନା ଥାନା ଚଢ଼ିଆପଦା ଗାଁ ରମେଶ ସାଆଲ ସିଂ ଓ ଦିଗପହଣ୍ଡି ଥାନା ବଡଭୁମୁଲା ଗାଁର ହେମନ୍ତ ସ୍ୱାଇଁ।

# ୧୮ ମାସ ଭତ୍ତା ନ ମିଳିବା ନେଇ ରିପୋର୍ଟ ମାଗିଲେ ଜିଲାପାଳ

**ଧରିତ୍ରୀ ପ୍ରଭାବ**

ବୈପାରିଗୁଡା,୨୫।୪(କଳ୍ପତରୁ ମହାନ୍ତି)

ଧରିତ୍ରୀ ଖବର କାଗଜରେ ଗତ ୨୪ ତାରିଖରେ ପ୍ରକାଶିତ ଏକ ଖବର ‘ଅଭାବ ଅନାଟନରେ ବିତୁଛି ବାର୍ଦ୍ଧକ୍ୟ ଜୀବନ’କୁ ନେଇ କୋରାପୁଟ ଜିଲାପାଳ ବ୍ଲକ ପ୍ରଶାସନଠାରୁ ରିପୋର୍ଟ ତଲବ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଭତ୍ତା ବଣ୍ଟନ ଦାୟିତ୍ୱରେ ଥିବା ସମ୍ପୃକ୍ତ ପିଇଓଙ୍କ ମୁଣ୍ଡରୁ ଦୋଷ କାଢି ଗିରବ ହିତାଧିକାରୀଙ୍କ ମୁଣ୍ଡରେ ଦୋଷ ଲଦାଯାଇଛି । ସେମାନେ ପାସ୍ ବୁକ୍ ଦାଖଲ କରି ନ ଥିବାରୁ ଭତ୍ତା ଜମା ଖାତାକୁ ଯାଉ ନ ଥିବା ଏଥିରେ ଦର୍ଶାଇଯାଇଛି। ତେବେ ୨୩ ତିରିଖ ଦିନ ସେମାନେ ପାସ୍‌ବୁକ୍ ଦାଖଲ କରିଥିବାରୁ ସେସବୁ ଏନ୍‌ଏସି ପୋର୍ଟାଲ୍‌ରେ ସିଡ୍ କରାଯାଇଛି ଏବଂ ମେ ମାସରେ ପୂର୍ବ ବକେୟା ସହ ସବୁ ଭତ୍ତା ଟଙ୍କା ପାଇବେ ବୋଲି ସଫେଇ ଦେଇ କୁହାଯାଇଛି । ସୂନାଯୋଗ୍ୟ ଉକ୍ତ ଖବରରେ ବୈପାରିଗୁଡା ବ୍ଲକ ଚନ୍ଦ୍ରପଡା ପଞ୍ଚାୟତ ଅଟ୍ଟାଳଗୁଡା ଗ୍ରାମର ୨ ବୃଦ୍ଧ ଶୁକ୍ର ଖିଲ ଓ ଗୁରୁ ନାୟକ ଗତ ୧୮ ମାସ ଏବଂ ସେହି ଗ୍ରାମର ଅନ୍ୟ ଜଣେ ବୃଦ୍ଧା ଚମ୍ପା ଡୁରୁ ଗତ ୪ ମାସ ହେବ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଅଭାବ ଅନାଟନରେ ଥିବା ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ନେଇ ଶଙ୍କର ପୂଜାରୀ ନାମକ ଜଣେ ଯୁବକ ଟୁଇଟ୍ କରିଥିଲେ।



ପଞ୍ଚାୟତ ସମିତି କାର୍ଯ୍ୟାଳୟ , ବୈପାରିଗୁଡା
OFFICE OF THE PANCHAYAT SAMITI, BOIPARIGUDA
Letter No: 1035 ******** KORAPUT******** Date: 24/04/2024

To,

The Collector & District Magistrate,
Koraput.

Sub:- Submission of compliance report of grievance, published in daily news paper Dharitri on 23/04/2024 and posted in tweeter handle by Shankar Pujari on 24/04/2024-regarding.

Sir,

In inviting a kind reference to the subject cited above, I am to inform that, 3 no's of pension beneficiaries namely Sukra Khilo, Guru Nayak & Champa Duru of village Atalguda under Chandrapada GP are belonging from NSAP scheme. After several request by concerned PEO, they did not submit their Bank pass book. Hence their applications were in cash mode. Yesterday i.e. on 23/04/2024 they submitted their bank pass book at SSEPD section. All bank account have been seeded in nsap Portal. All beneficiaries will be availed pension along with arrear in the month of May-2024. In this connection a request letter has been sent to DSSO, Koraput for updating their application by the help of SSEPD department, Bhubaneswar.

This is for favour of kind information and necessary action.

Yours faithfully,

Block Development Officer,
Boipariguda

ବ୍ଲକ ପ୍ରଶାସନର ରିପୋର୍ଟ।

# ଭାସ୍କର, ସୁଧୀର ଏକାଠି ଲଢ଼ିବାକୁ ପାଣ୍ଡିଆନଙ୍କ ପରାମର୍ଶ






ବିଷମକଟକ ସଭାରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଉଦ୍‌ବୋଧନ ଦେଉଛନ୍ତି, ମଞ୍ଚରେ ଏମ୍‌ପି ପ୍ରାର୍ଥିନୀ କୌଶଲ୍ୟା ହିକ୍‌କା, ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ଅଛନ୍ତି। ଗୁଣପୁର ସଭାରେ ଯୋଗଦେଇଥିବା ବିଜେଡି ନେତା, କର୍ମୀ ଏବଂ ଜନସାଧାରଣ।

**ଗୁଣପୁର/ବିଷମକଟକ,୨୫।୪(ପ୍ରଦୀପ କୁମାର ପାଢୀ/ ବିଭୁତି ଭୂଷଣ ନାୟକ)**

ବିଜୁ ଜନତା ଦଳ ନେତା କାର୍ତ୍ତିକ ପାଣ୍ଡିଆନ୍ ଗୁରୁବାର ଅପରାହ୍ନରେ ରାୟଗଡ଼ା ଜିଲା ବିଷମକଟକ ଓ ଗୁଣପୁର ନିର୍ବାଚନମଣ୍ଡଳୀ ଗସ୍ତରେ ଆସି ଆୟୋଜିତ ନିର୍ବାଚନୀ ସଭାରେ ଜନସାଧାରଣଙ୍କୁ ସମ୍ବୋଧିତ କରିଛନ୍ତି। ରାୟଗଡ଼ା ଜିଲା ଗୁଣପୁର ସହର ବାଘୁଆ ଦେଉଳ ପଛପଟ ବଂଶଧାରା ବସନ୍ତ ମହୋତ୍ସବ ପଡିଆରେ ଆୟୋଜିତ ବିଜେଡିର ନିର୍ବାଚନୀ ସଭାରେ ପାଣ୍ଡିଆନ୍ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା ସଭାପତି ଏନ୍.ଭାସ୍କର ରାଓ,ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ ଓ ଜିଲାର ସମସ୍ତ ବିଜେଡି ନେତା ଏକାଠି କାମ କରିବାକୁ ପାଣ୍ଡିଆନ୍ ପରାମର୍ଶ ଦେଇଥିଲେ। ପାଣ୍ଡିଆନ୍‌ଙ୍କ ଏହି ପରାମର୍ଶ ବିଜେଡି ରାଜନୀତିକୁ ସରଗରମ କରିଛି। ସୂଚନା ଥାଉକି, ଜିଲାରେ ଭାସ୍କର ଏବଂ ସୁଧୀରଙ୍କ ମଧ୍ୟରେ ତିକ୍ତତା ଲାଗି ରହିଥିବାବେଳେ ନିର୍ବାଚନ ପୂର୍ବରୁ ସୁଧୀର ଦାସଙ୍କୁ ଜିଲା ସଭାପତିରୁ ରାଜ୍ୟ ସାଧାରଣ ସମ୍ପାଦକ ଏବଂ ରାଜ୍ୟ ଉପସଭାପତି ଏନ୍.ଭାସ୍କର ରାଓଙ୍କୁ ଜିଲା ସଭାପତି କରାଯାଇଥିଲା। ଏପରି ଘଟଣାକ୍ରମ ମଧ୍ୟରେ ଗୁଣପୁରଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଭାସ୍କର, ସୁଧୀର ଏବଂ କର୍ମୀମାନେ ମିଳିମିଶି ଏକତ୍ରିତ ହୋଇ କାମ କରିବା ପାଇଁ ସାଧାରଣ ସଭାରେ ପରାମର୍ଶ ଦେବା ନେତାଙ୍କୁ କଡା ସନ୍ଦେଶ ସଦୃଶ ହୋଇଛି। ନବୀନ ସରକାର ଜନକଲ୍ୟାଣ ଯୋଜନା କରି ଲୋକଙ୍କ ବିକାଶ ପାଇଁ ଗୁରୁତ୍ୱ ଦେଇଛନ୍ତି। ଗୁଣପୁର ଅଞ୍ଚଳର ବିକାଶ ପାଇଁ ଅନେକ ସହାୟତା ସହ ପାଣ୍ଠି ଯୋଗାଇ ଦିଆଯାଇଥିବା ପାଣ୍ଡିଆନ୍ କହିଥିଲେ। ରାମେଶ୍ୱର ମନ୍ଦିର ପାଇଁ ୫ କୋଟି ଟଙ୍କା ପ୍ରଦାନ ସହ ମରିଚଗୁଡା ମତାରବନାମ ମନ୍ଦିର ସହ ଅନେକ କାର୍ଯ୍ୟ ପାଇଁ ଅନୁଦାନ ପ୍ରଦାନ କରାଯାଇଥିବା କହିଥିଲେ। ଗୁଣପୁରର ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଏବଂ କୋରାପୁଟ ଏମ୍‌ପି ପ୍ରାର୍ଥିନୀ କୌଶଲ୍ୟା ହିକ୍‌କାଙ୍କୁ ବିପୁଳ ଭୋଟରେ ବିଜୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ମେ ୧୩ ତାରିଖରେ ଯେକୌଣସି ପରିସ୍ଥିତିରେ ଖରା ହେଉକି ବର୍ଷା, ଆପଣମାନେ ବହୁଳ ସଂଖ୍ୟାରେ ଆସି ଭୋଟ ଦେବାକୁ ଜନସାଧାରଣଙ୍କୁ ପାଣ୍ଡିଆନ୍ ଅନୁରୋଧ କରିଥିଲେ। ସଭାରେ ଜିଲା ସଭାପତି ଏନ୍.ଭାସ୍କର ରାଓ,ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସ, ଯୁବନେତା ପିଙ୍କୁ ପଣ୍ଡା, ନଗର ସଭାପତି ରାମଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ନେତା ଏବଂ କର୍ମୀ ଯୋଗଦେଇଥିଲେ। ତେବେ ପାଣ୍ଡିଆନଙ୍କ କାର୍ଯ୍ୟକ୍ରମ ସମ୍ପର୍କରେ ଖବରଦାତାମାନଙ୍କୁ ସୂଚନା ଦିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

ସେହିପରି ବିଷମକଟକସ୍ଥିତ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ନିର୍ବାଚନୀ ସଭାରେ ପାଣ୍ଡିଆନ ଜନସାଧାରଣଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମୋତେ ଆପଣମାନଙ୍କ ପାଖକୁ ଜୁନ୍ ମାସରେ ପଠାଇଥିଲେ। ଆପଣମାନେ ମୋତେ ଜଣାଇଥିବା ପ୍ରାୟ ସମସ୍ୟାର ସମାଧାନ କରାଯାଇଛି ବୋଲି ପାଣ୍ଡିଆନ କରିଥିଲେ। ଚାଟିକଣା ଶିବ ମନ୍ଦିର ପାଇଁ ୯୦ ଲକ୍ଷ, ମା' ମାର୍କମା ମନ୍ଦିର ପାଇଁ ୧୨ ଲକ୍ଷ , ବିଷମ କଟକର ପୁରାତନ ପୋଖରୀର ପୁନରୁଦ୍ଧାର ପାଇଁ ୩ କୋଟି, ମା ମର୍କମା ମହାବିଦ୍ୟାଳୟକୁ ୧ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁଦାନ ଓ ବିଷମ କଟକରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ୧୦ କୋଟି ଟଙ୍କା ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁବେଳେ ବିଷମ କଟକର ଉନ୍ନତି ପାଇଁ ଚେଷ୍ଟିତ ଥିବା ସେ କହିଥିଲେ। ନବୀନ ସରକାରଙ୍କ ବିକାଶ ଧାରାକୁ ବିରୋଧୀ ଗ୍ରହଣ କରିପାରୁ ନ ଥିବାବେଳେ ଏଥର ପୁନର୍ବାର ବିଷମକଟକ ନିର୍ବାଚନମଣ୍ଡଳୀର ଲୋକେ ଆଶୀର୍ବାଦ କରିବେ ବୋଲି ପାଣ୍ଡିଆନ୍ ଆଶାପ୍ରକଟ କରିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଲୋକେ କୋରାପୁଟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକ୍‌କା ଓ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କୁ ପୁନର୍ବାର ଯୋଡ଼ି ଶଙ୍ଖରେ ଭୋଟ ଦେବାପାଇଁ ଉପସ୍ଥିତ ଜନସାଧାରଣଙ୍କୁ ସେ ନିବେଦନ କରିଥିଲେ । ଏହି ସଭାରେ ମନ୍ତ୍ରୀ ଜଗନ୍ନାଥ ସାରକା, ଏମ୍‌ପି ପ୍ରାର୍ଥୀ କୌଶଲ୍ୟା ହିକ୍‌କାଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଅଧ୍ୟାପକ ଗିରଫ, ନାବାଳିକା ଛାତ୍ରୀ ଉଦ୍ଧାର

**ରାୟଗଡ଼ା,୨୫।୪(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ଅଭିଯୋଗରେ ପୋଲିସ ବୁଧବାର ଉକ୍ତ କଲେଜର ଓଡ଼ିଆ ଅଧ୍ୟାପକଙ୍କୁ ଗିରଫ କରିଛି। ପୋଲିସ ନାବାଳିକା ଛାତ୍ରୀକୁ ଉଦ୍ଧାର କର ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଗିରଫ ଅଭିଯୁକ୍ତ ହେଲେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ତେଲି ତୋଇକା । ମିଳିଥିବା ସୂଚନା ଅନୁସାରେ ଅଧ୍ୟାପକ ତେଲି ତୋଇକା ଉକ୍ତ କଲେଜର ଯୁକ୍ତ ୨ର ଜଣେ ନାବାଳିକା ଛାତ୍ରୀଙ୍କୁ ନେଇ ଫେରାର ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା । ନାବାଳିକା ଛାତ୍ରୀଙ୍କୁ ଅଧ୍ୟାପକ ତେଲି ପ୍ରଲୋଭନ ଦେଖାଇ

**ଛାତ୍ରୀଙ୍କୁ ଅପହରଣ ମାମଲା**

ମଙ୍ଗଳବାର ଅଶୋକା ହଲ୍ ନିକଟସ୍ଥ ଏକ ଭଡ଼ା ଘରକୁ ନେଇ ଯାଇଥିଲେ । ତେବେ ଝିଅ ଘରକୁ ନ ଫେରିବାରୁ ଏ ନେଇ ନାବାଳିକାଙ୍କ ପରିବାରବର୍ଗ ପୋଲିସରେ ଏତଲା ଦେଇଥିଲେ । ରାୟଗଡ଼ା ଟାଉନ ଥାନା ପୋଲିସ ପକ୍ଷରୁ ନାବାଳିକା ଅପହରଣ ମାମଲାରେ ଥାନାରେ କେସ୍ ନଂ. ୧୩୭/୨୪ରେ ମାମଲା ରୁଜୁ କରାଯାଇଥିବା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି । ପୋଲିସର ପ୍ରାଥମିକ ତଦନ୍ତରୁ ଅଧ୍ୟାପକ ଓ ନାବାଳିକା ଛାତ୍ରୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବା ପୋଲିସ ପକ୍ଷରୁ ଜଣାପଡ଼ିଛି ।

# ବ୍ଲକ୍ ପ୍ରଶାସନର କାରଣ ଦର୍ଶାଅ ନୋଟିସ



ଉଦ୍ଧାର ହୋଇଥିବା ୨ ଅନାଥ ଶିଶୁ।

**ଗୁଡାରି,୨୫।୪ (ପ୍ରମୋଦ କୁମାର ପତି )**

ଗୁଡାରି ବ୍ଲକର ଖାରିଗୁଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତଳଖାରିଗୁଡ଼ା ଗ୍ରାମରୁ ଉଦ୍ଧାର ହୋଇଥିବା ଦୁଇ ଅନାଥ ଶିଶୁଙ୍କୁ ଅବହେଳା ଘଟଣାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତରଫରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଏବଂ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଆରବିଏସ୍‌କେଓ୍ୱାଇ ଡାକ୍ତର, ଖାରିଗୁଡ଼ା ପଞ୍ଚାୟତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡ଼ି ସୁପରଭାଇଜର, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀଙ୍କୁ ନୋଟିସ କରାଯାଇଛି। ଦୁଇ ଦିନ ମଧ୍ୟରେ ନିଜର ପକ୍ଷ ରଖିବା ନିମନ୍ତେ ସମ୍ପୃକ୍ତ କର୍ମଚାରୀଙ୍କୁ

**୨ ଅନାଥ ଶିଶୁଙ୍କୁ ଅବହେଳା ଘଟଣା**

ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି । ଉଦ୍ଧାର ହୋଇଥିବା ୨ ଶିଶୁଙ୍କ ମଧ୍ୟରୁ ଜଣେ ଅପପୁଷ୍ଟିର ଶିକାର ହୋଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ବିଡ଼ିଓ ଅନିଶା ଦାସ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଯେଉଁମାନେ ଘଟଣାରେ ସମ୍ପୃକ୍ତ ଥିବେ ସେମାନଙ୍କ ବିରୋଧରେ ପଦକ୍ଷେପ ନିଆଯିବ। ଉଭୟ ଶିଶୁ ଜିଲା ପ୍ରଶାସନର ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ସୁସ୍ଥ ଥିବା ବିଡ଼ିଓ ମତ ପ୍ରକାଶ କରିଛନ୍ତି।

# ତାଲିମ ଶିବିର ଉଦ୍‌ଘାଟିତ

**ଗୁଡାରି, ୨୫।୪ (ପ୍ରମୋଦ କୁମାର ପତି)**



ଗୁଡାରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଦୁଇ ଦିନିଆ ଇଂଲିଶ ବିଷୟ ଭିତ୍ତିକ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନମୟୀ ପୁରୋହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଇଓ ପୁରୋହିତ ତାଲିମର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ତାଲିମ କାର୍ଯ୍ୟରେ ମୋଟ ୫୦ଜଣ ଶିକ୍ଷକ ଭାଗ ନେଇଥିବା ବେଳେ ୪ଜଣ ସମ୍ବଳ ଶିକ୍ଷକ ନିୟୋଜିତ ହୋଇଥିଲେ। କାର୍ଯ୍ୟକ୍ରମ ରେ ବ୍ଲକର ଦୁଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କ ସହ ଏହି ତାଲିମ ସମ୍ପର୍କରେ ଆଲୋଚନା କରିଥିଲେ।

# ମ୍ୟାଲେରିଆ ନିରାକରଣ ପାଇଁ ଶପଥପାଠ

**ପଦ୍ମପୁର, ୨୫।୪ (ପ୍ରଶାନ୍ତ କୁମାର କର)**




ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଶପଥପାଠ କରୁଛନ୍ତି।

ରାୟଗଡ଼ା ଜିଲା ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର ବିଶ୍ୱ ମ୍ୟାଲେରିଆ ନିରାକରଣ ଅଭିଯାନ ପାଳିତ ହୋଇଯାଇଛି। ଏହି ଅବସରରେ ମ୍ୟାଲେରିଆ ନିରାକରଣ ନିମନ୍ତେ ଏକ ଶପଥ ପାଠ ଆୟୋଜିତ କରାଯାଇଥିଲା। ଏଥିରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭେକ୍ଟର ବାହିତ ରୋଗ ନିୟନ୍ତ୍ରକ ଜୟଦେବ ନିମାଲପୁରୀ, ବିପିଓ ମନୋଜ ପଣ୍ଡା, ଫାର୍ମାସିଷ୍ଟ ମନୋଜ ସୁବୁଦ୍ଧି, ପବ୍ଲିକ ହେଲ୍‌ଥ ଅଫିସର ସଫିରା ରାଇକାଙ୍କ ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ସେବିକା ପ୍ରମୁଖ ଯୋଗଦେଇ ଶପଥ ପାଠ କରିଥିଲେ। ଘର ଓ ଚତୁଃପାର୍ଶ୍ୱରେ କିଭଳି ଆବର୍ଜନା ପାଣି ନ ଜମିବ , ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ ଆଦି ରୋଗରୁ ରକ୍ଷା ପାଇବା ପାଇଁ ପ୍ରତିଦିନ ମଶାରି ଟାଣି ଶୋଇବା, ମଶା ଡିମ୍ବ ଦେବା ସ୍ଥାନ ନଷ୍ଟ କରିବା ଏବଂ ଜ୍ୱରରେ ଆକ୍ରାନ୍ତ ହେଲେ ରକ୍ତ ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ଲୋକଙ୍କୁ ସଚେତନତା କରାଇବାକୁ ମ୍ୟାଲେରିଆ ନିରାକରଣ ଅଫିସର ଜୟଦେବ ନିମାଲପୁରୀ କହିଥିଲେ। ସମସ୍ତେ ମଶାରି ଟାଙ୍ଗି ଶୋଇବାକୁ ବିପିଓ ମନୋଜ ପଣ୍ଡା ପରାମର୍ଶ ଦେଇଥିଲେ।

# ବୁଥ୍ ସ୍ଥିତି ସମୀକ୍ଷାକଲେ ଜିଲା ପରିଷଦ ଉନ୍ନୟନ ଅଧିକାରୀ



ଅଧିକାରୀମାନେ ବୁଥ୍‌ର ସ୍ଥିତି ସମୀକ୍ଷାକରି ଫେରୁଛନ୍ତି।

**ଗୁଡାରି, ୨୫।୪ (ପ୍ରମୋଦ କୁମାର ପତି)**

ରାୟଗଡ଼ା ଜିଲା ପରିଷଦ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର ଗୁରୁବାର ଗୁଡାରି ବ୍ଲକର ବିଭିନ୍ନ ନିର୍ବାଚନ ବୁଥ୍‌ର ସ୍ଥିତି ସମୀକ୍ଷା କରିଛନ୍ତି । କହଁର ବ୍ଲକର ଜଳନିଧି ଓ ବୁରଲେଣ୍ଡି ଗ୍ରାମକୁ ଯାଇ ବୁଥ୍ ପରିଦର୍ଶନ କରିଥିଲେ। ମୁଖ୍ୟତଃ ଏହି ବୁଥ୍‌ଗୁଡିକରେ ନିର୍ବାଚନ ସମୟରେ ଉଭୟ ମତଦାତା ଓ ପୋଲିଂ କର୍ମଚାରୀ ଯେପରି ସମସ୍ତ ସୁବିଧା ପାଇପାରିବେ ସେ ସମ୍ପର୍କରେ ବୁଥ୍‌ର ଆନୁଷଙ୍ଗିକ ସ୍ଥିତି ସମୀକ୍ଷା କରିଥିଲେ। କାର୍ଯ୍ୟକ୍ରମରେ ଗୁଡାରି ବିଡିଓ ଅନିଶା ଦାସ, ସମ୍ପୃକ୍ତ ବୁଥ୍‌ର ସେକ୍ଟର ଅଫିସର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ୪ ପ୍ରାର୍ଥୀ ଭରିଲେ ପ୍ରାର୍ଥିପତ୍ର



ଗୁଣପୁର ଉପଜିଲାପାଳଙ୍କ ନିକଟରେ ଅଭିନାଶ ଗମାଙ୍ଗ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।



ଭାସ୍କର ଜାଗରଙ୍ଗା ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

**ଗୁଣପୁର,୨୫।୪(ପ୍ରଦୀପ କୁମାର ପାଢୀ)**

**ଗୁଣପୁର ବିଧାନ ସଭା ଆସନ**

ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ଗୁରବାର ୪ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କଂଗ୍ରେସର ଅସନ୍ତୁଷ୍ଟ ସ୍ୱାଧୀନ ପ୍ରାର୍ଥୀ ଭାବେ ଭାସ୍କର ଜାଗରଙ୍ଗା ଏବଂ ଅଭିନାସ ଗମାଙ୍ଗ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ କରୁଣାକର ଶବର, ବିଏମପିର ନାଗ ଭୂଷଣ ମାଣ୍ଡାଙ୍ଗି ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

ସୂଚନାଯୋଗ୍ୟ ପୂର୍ବରୁ ବିଜେଡିର ରଘୁନାଥ ଗମାଙ୍ଗ, ଭାଜପାର ତ୍ରିନାଥ ଗମାଙ୍ଗ, ବିଏସପିର ଶିବରାମ ମାମ୍ଡଲକା, ସ୍ୱାଧୀନ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ଶବର, ରବି ଶଙ୍କର ଗମାଙ୍ଗ, ରଶ୍ମିତା ଶବର, ସିପାଇଏମଏଲ ଲିବରସେନର ଅନାସିମ ଶବର ଓ ପଦ୍ମିନୀ ଗମାଙ୍ଗ, କଂଗ୍ରେସର ସତ୍ୟଜିତ ଗମାଙ୍ଗ ଏବଂ ସ୍ୱାଧୀନ ଫାଲଗୁନି ଶବରଙ୍କୁ ମିଶାଇ ମୋଟ ୧୪ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୋଟ ୧୫ ଟି ନାମାଙ୍କନ ପତ୍ର କ୍ରୟ ହୋଇଥିଲେ ମଧ୍ୟ ୧୪ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

# ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଗୁଣପୁର,୨୫।୪(ପ୍ରଦୀପ କୁମାର ପାଢୀ)**



ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି ।

ରାୟଗଡା ଜିଲା ଗୁଣପୁର କଲେଜ ନିକଟ ସିଦ୍ଧି ବିନାୟକ ମନ୍ଦିରର ୧୪ ତମ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶ୍ରୀ ଗଣେଶଙ୍କ ଚଳନ୍ତି ପ୍ରତିମାକୁ ମନ୍ଦିର ପ୍ରାଙ୍ଗଣରେ ବିରାଜମାନ କରାଯାଇ ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯାଇଥିଲା । କର୍ତ୍ତା ଭାବେ ଶିବରାମ ରଥ ଏବଂ ପୂଜକ ଭାବେ ନବୀନ ରଥ, ସୂର୍ଯ୍ୟ ନାରାୟଣ ରଥ, ପ୍ରକାଶ ରଥ, ଗୁପ୍ତେଶ୍ୱର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରତିଷ୍ଠା କାର୍ଯ୍ୟକ୍ରମ ପାଇଁ ମନ୍ଦିରରେ ଭଜନ ସଂକୀର୍ତ୍ତନ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

**ରାୟଗଡ଼ା ବିଧାନସଭା ଆସନ**

# ଶେଷ ଦିନରେ ୫ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ରାୟଗଡ଼ା,୨୫।୪(ଆଶିଷ ରଞ୍ଜନ ପଣ୍ଡା)**

ନାମାଙ୍କନର ଶେଷ ଦିନରେ ରାୟଗଡ଼ା ବିଧାନସଭା ଆସନ ପାଇଁ ୫ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ଭରିଛନ୍ତି। ରାୟଗଡ଼ା ବିଧାନସଭା ଆସନ ପାଇଁ ସିପିଆଇ(ଏମଏଲ)ରୁ କ୍ରିଷ୍ଣା ପାଲକା, ସ୍ୱାଧୀନ ପ୍ରାର୍ଥୀ ଭାବେ ରାଙ୍ଗାରାଓ କଣ୍ଡାଗରି, ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆରୁ ବନମାଳି ମାଝି ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଭଗବାନ ମାଝି ନାମାଙ୍କନ ଦାଖଲ କରିଛନ୍ତି। ବୁଧବାର ବସନ୍ତ ଉଲାକା ଭାଜପା ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ବେଳେ ଗୁରୁବାର ଶିବଶଙ୍କର ଉଲାକା ଉଭୟ ଭାଜପା ପ୍ରାର୍ଥୀ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଦୁଇଟି ନାମାଙ୍କନ ଦାଖଲ କରିଛନ୍ତି।










ରାୟଗଡ଼ା ବିଧାନସଭା ଆସନ ପାଇଁ ବନମାଳୀ ମାଝି, ଭଗବାନ ମାଝି, ଶିବଶଙ୍କର ଉଲାକା ଏବଂ କ୍ରିଷ୍ଣା ପାଲକା ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି ।

## ଯୌତୁକ ନିର୍ଯାତନା ମାମଲା: ସ୍ୱାମୀ ନିର୍ଦ୍ଦୋଷ

ବ୍ରହ୍ମପୁର, ୨୫।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏସ୍‌ଡିଜେଏମ୍ ଏକ ଯୌତୁକ ନିର୍ଯାତନା ମାମଲାର ଅଭିଯୁକ୍ତ ପି.ସିମୀ ପାତ୍ରଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପୁରୁଷୋତ୍ତମପୁର ଶାସନର ପି.ସିମୀ ୨୦୧୧ରେ ପି. ସନ୍ଧ୍ୟାରାଣୀ ପାତ୍ରଙ୍କୁ ବିବାହ କରିଥିଲେ। କିଛିମାସ ପରେ ସନ୍ଧ୍ୟାରାଣୀଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେବା ସହ ଅଧିକ ଯୌତୁକ ଦାବି କରିଥିଲେ। ଏ ସଂକ୍ରାନ୍ତରେ ସନ୍ଧ୍ୟାରାଣୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୩୦୫/୧୧ରେ ଏକ ମାମଲା ରୁଜୁ କରି ପି.ସିମୀଙ୍କୁ ଗିରଫ କରିଥିଲା। ମାମଲା ବିଚାର ବେଳେ ସିମୀ କୋର୍ଟରେ ହାଜର ନ ହେବାରୁ ତାଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି ହୋଇଥିଲା। ୨୦୨୧ ସେପ୍ଟମ୍ବର ୮ତାରିଖରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୧୧ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରମାଣ ଅଭାବରୁ ପି.ସିମୀଙ୍କୁ ମାଜିଷ୍ଟ୍ରେଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

## ଜିଲାପାଳ, ଏସ୍‌ପିଙ୍କ ସହ ସାଧାରଣ ପର୍ଯ୍ୟବେକ୍ଷକଙ୍କ ଆଲୋଚନା

- ନବରଙ୍ଗପୁରରେ ନିର୍ବାଚନ ତଦାରଖ କରିବେ ସାଧାରଣ ପର୍ଯ୍ୟବେକ୍ଷକ
- ନିର୍ବାଚନ ସମ୍ବନ୍ଧୀୟ ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକଙ୍କ ମୋବାଇଲ ନମ୍ବରରେ କରିପାରିବେ ଯୋଗାଯୋଗ

ନବରଙ୍ଗପୁର,୨୫।୪(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ଲୋକ ସଭା ଓ ବିଧାନସଭାରେ ହେବାକୁ ଥିବା ନିର୍ବାଚନ ତଦାରଖ କରିବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସାଧାରଣରେ ପର୍ଯ୍ୟବେକ୍ଷକ ଭାବେ ପଲ୍ଲଭ ଗୋପାଳ ଝାଙ୍କୁ ନିଯୁକ୍ତି ଦିଆଯାଇଛି। ସାଧାରଣ ପର୍ଯ୍ୟବେକ୍ଷକ ଝା ନବରଙ୍ଗପୁରରେ ଆସି ପହଞ୍ଚିଛନ୍ତି। ସେ ସ୍ଥାନୀୟ ସର୍କିଟ ହାଉସରେ ରହି ସାଧାରଣ ନିର୍ବାଚନ ପରିଚାଳନା ତଦାରଖ କରିବେ। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ କମଳ ଲୋଚନ ମିଶ୍ର, ଏସ୍‌ପି ରୋହିତ ବର୍ମାଙ୍କ ସହିତ ସାଧାରଣ ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ତରଫରୁ କରାଯାଇଥିବା ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ଜିଲାପାଳ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକଙ୍କ ମୋବାଇଲ ନମ୍ବର ୯୭୨୯୧୭୪୯୯ରେ ଯୋଗାଯୋଗ କରିବାକୁ କୁହାଯାଇଛି।



ଜିଲାପାଳ ଓ ଏସ୍‌ପିଙ୍କ ସହ ସାଧାରଣରେ ପର୍ଯ୍ୟବେକ୍ଷକ ଆଲୋଚନା କରୁଛନ୍ତି।

## ହୋମ୍ ଭୋଟିଂ ପୋଲିଂ ଅଧିକାରୀଙ୍କୁ ତାଲିମ

ଡାବୁଗାଁ, ୨୫।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ପ୍ରକୋଷ୍ଠରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କମଳଲୋଚନ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ହୋମ୍ ଭୋଟିଂ ପୋଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ୬ଟି ଟିମ୍ ଗଠନ କରାଯାଇଛି। ବିଡିଓ ଶରତ ମାଝି ପୋଲିଂ ଅଧିକାରୀଙ୍କୁ ତାଲିମ ଦେଇଥିଲେ। ପ୍ରକାଶ ଯେ, ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଥିବା ୮୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭୋଟରମାନେ ନିଜ ଘରେ ରହି ଚଳିତ ସାଧାରଣ ନିର୍ବାଚନରେ ନିଜର ଭୋଟ ପୋଷ୍ଟାଲ ବାଲଟ ମାଧ୍ୟମରେ ଦେବେ। ଡାବୁଗାଁ ବ୍ଲକ୍‌ରେ ୮୫ ବୟସରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ୨୭ ଜଣ ଓ ଦିବ୍ୟାଙ୍ଗ ଭୋଟର ୩୫ ଜଣ ମୋଟ ଅଛନ୍ତି। ସେମାନେ ହୋମ୍ ଭୋଟିଂ ଦେବେ। ଗୁରୁବାର ଆୟୋଜିତ ତାଲିମ କାର୍ଯ୍ୟକ୍ରମକୁ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ପରିଚାଳନା କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ଭାଗନେଇଥିବା ପୋଲିଂ ଅଧିକାରୀ।

## ତାଲିମ ଶିବିର ଉଦ୍‌ଘାଟିତ

ଗୁଡାରି, ୨୫।୪
(ପ୍ରମୋଦ କୁମାର ପତି)

ଗୁଡାରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଦୁଇ ଦିନିଆ ଇଂଲିଶ ବିଷୟ ଭିତ୍ତିକ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନମୟୀ ପୁରୋହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଇଓ ପୁରୋହିତ ତାଲିମର ଉଦ୍ଦେଶ୍ୟ ଓ ଆବଶ୍ୟକତା ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ତାଲିମ କାର୍ଯ୍ୟରେ ମୋଟ ୫୦ଜଣ ଶିକ୍ଷକ ଭାଗ ନେଇଥିବା ବେଳେ ୪ଜଣ ସମ୍ବଳ ଶିକ୍ଷକ ନିୟୋଜିତ ହୋଇଥିଲେ। କାର୍ଯ୍ୟକ୍ରମ ରେ ବ୍ଲକର ଦୁଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କ ସହ ଏହି ତାଲିମ ସମ୍ପର୍କରେ ଆଲୋଚନା କରିଥିଲେ।

## 'ଭୋଟ ଦେବା, ଦେଶ ଗଠନରେ ସହଯୋଗ କରିବା'




ଭୋଟର ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଝରିଗାଁ,୨୫।୪(କିଶୋର ଚନ୍ଦ୍ର ମଣ୍ଡଳ)

ଆସନ୍ତା ଲୋକ ସଭା ଓ ରାଜ୍ୟ ବିଧାନସଭା ନିର୍ବାଚନରେ ଶତ ପ୍ରତିଶତ ମତଦାନ ଲକ୍ଷ୍ୟରେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ସଚେତନତା କରାଯାଇଛି। ଭୋଟରଙ୍କୁ ସଚେତନ କରିବାକୁ ଗୁରୁବାର ଏକ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏହାକୁ ଝରିଗାଁ ବିଡିଓ ପ୍ରିତା କୁମାର ଏବଂ ସ୍ଥାନୀୟ ତହସିଲଦାର ଶଙ୍କର ପଟ୍ଟନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଭୋଟ ଦେଇ ଦେଶ ଗଠନରେ ସହଯୋଗ କରିବାକୁ ଅଧିକାରୀମାନେ ବୁଝାଇଥିଲେ। ମେ ୧୩ରେ ନବରଙ୍ଗପୁର ଜିଲାରେ ସାଧାରଣ ନିର୍ବାଚନ ହେବ। ଏଥିପାଇଁ ସମସ୍ତ ଭୋଟର ବିଶେଷତଃ ନୂଆ ଯୁବ ଭୋଟର ନିଜର ମୂଲ୍ୟବାନ୍ ଭୋଟ ପ୍ରଦାନ କରିବେ। ସେ ସମସ୍ତଙ୍କୁ ଶୋଭାଯାତ୍ରା ମାଧ୍ୟମରେ ସଚେତନ କରାଯିବ ବୋଲି ସୂଚନା ମିଳିଛି। ଏହି ଅବସରରେ ଏଇ ବିନୀତ କୁମାର ମିଶ୍ରଙ୍କ ସହ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ପିଇଓ, ସମସ୍ତ କର୍ମଚାରୀ ସାମିଲ ଥିଲେ।

## ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ

ଉମରକୋଟ, ୨୫।୪(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ସରକାରୀ ନୋଡାଲ ଏସ୍. ଏସ୍. ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଛି। ଉମରକୋଟ ବିଡିଓ ପ୍ରୀତିରଞ୍ଜନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆବାହକ ତଥା ବିଇଓ ବିକାଶ ଚନ୍ଦ୍ର ସରକାରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୨୦୦ରୁ ଉର୍ଦ୍ଧ ଶିକ୍ଷଣ ସାମଗ୍ରୀ ଏଥିରେ ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ ଏହି ଶିକ୍ଷଣ ସାମଗ୍ରୀ ଗୁଡିକୁ ଅତିଥିମାନେ ବୁଲି ଦେଖିବା ସହ ସେଗୁଡିକର ଉପଯୋଗିତା ବିଷୟରେ ବୁଝିଥିଲେ। ଶ୍ରେଣୀ କକ୍ଷରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ସେଗୁଡିକର ଉପାଦେୟତା ବିଷୟରେ ଶିକ୍ଷକମାନେ ନିଜ ନିଜ ମତ ରଖିଥିଲେ। ଉମରକୋଟ ବ୍ଲକର ଶୈକ୍ଷିକ ଭିତ୍ତିଭୂମିକୁ ସୁଦୃଢ କରିବାକୁ ବିଇଓଙ୍କ ଏହି ପ୍ରୟାସ ଉଚ୍ଚ ପ୍ରଶଂସିତ ହୋଇଛି। କାର୍ଯ୍ୟକ୍ରମର ସଫଳ ରୂପାୟନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ, ଏବିଇଓ ପୁରୁଷୋତ୍ତମ ମାଝି, ଦେବେନ୍ଦ୍ର କୁମାର ବାଘ, ସୁଶୀଳା ଯୋଦ୍ଦାର, ବ୍ଲକର ସମସ୍ତ ସିଆରସିସି, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ଲକ୍ଷ୍ମୀ ବସ୍ ଯାତ୍ରୀଙ୍କ ନିମନ୍ତେ ପାଣି, ଓଆର୍‌ଏସ୍



- ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଓଏସଆରଟିସିର ବ୍ୟବସ୍ଥା

ନବରଙ୍ଗପୁର,୨୫।୪(ସଦାଶିବ ପ୍ରହରାଜ)

ବଢୁଛି ଗ୍ରୀଷ୍ମ ପ୍ରବାହ। ପାଣିପାଗ ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲାର ତାପମାତ୍ରା ୪୦ ଡିଗ୍ରୀ ପାର ହେଲାଣି। ଗରମ, ଖରା, ଗୁଳୁଗୁଳି ବଢୁଛି। ଏହି ସମୟରେ ଯାତ୍ରା କରୁଥିବା ଲୋକେ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଓଏସ୍‌ଆରଟିସି ନବରଙ୍ଗପୁର ଜିଲା ମ୍ୟାନେଜର ସନ୍ତୋସ କୁମାର ନାୟକ ଲକ୍ଷ୍ମୀ ବସ୍ ଯାତ୍ରୀଙ୍କ ପାଇଁ ପିଇବା ପାଣି, ଓଆରଏସ୍ ବ୍ୟବସ୍ଥା କରିଛନ୍ତି।

ଜିଲାରେ ଉମରକୋଟ-ନବରଙ୍ଗପୁରକୁ ଗୋଟିଏ ଶୀତ ତାପ ନିୟନ୍ତ୍ରଣ ବସ ସହିତ ୩୮ ଟି ଲକ୍ଷ୍ମୀ ବସ ବିଭିନ୍ନ ବ୍ଲକରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳକୁ ଗଡୁଛି। ଗୁରୁବାର ଜିଲାର ସମସ୍ତ ଲକ୍ଷ୍ମୀ ବସରେ ଫିଲଟର ପାଣି, ପାଣି ବୋତଲ ସମେତ ଓଆର୍‌ଏସ୍ ପ୍ୟାକେଟ ରଖାଯାଇଛି। ଯାତ୍ରୀମାନେ ଖରା ଗରମ ଓ ଗ୍ରୀଷ୍ମ ପ୍ରବାହରେ ହନ୍ତସନ୍ତ ହେଉଛନ୍ତି। ପିଇବା ପାଣି ପାଇଁ ଖର୍ଚ୍ଚାନ୍ତ ହେଉଥିବା ଜାଣି ଓଏସ୍‌ଆର୍‌ଟିସି ଜିଲା ମ୍ୟାନେଜର ଲକ୍ଷ୍ମୀ ବସ୍‌ମାନଙ୍କରେ ଏହି ବ୍ୟବସ୍ଥା କରିଛନ୍ତି। ଗୁରୁବାର ଜିଲାର ୧୦ଟି ବ୍ଲକ ଓ ନବରଙ୍ଗପୁର ସହରରେ ଏହାର ଶୁଭାରମ୍ଭ କରାଯାଇଛି। ଏହି ସମୟରେ ବ୍ଲକ ମାନଙ୍କରେ କ୍ଲଷ୍ଟର ମୁଖ୍ୟ, ସଦର ମହାକମାରେ ଓଏସ୍‌ଆରଟିସି ଜିଲାମ୍ୟାନେଜର ନାୟକ, ଡିପୋ କ୍ଲଷ୍ଟର(୧) ମୁଖ୍ୟ ସ୍ୱାଗତ ମହାନ୍ତି, ପରିଚାଳକ ରାଜକୁମାର ମିଶ୍ରଙ୍କ ସମେତ ସମସ୍ତ ବ୍ଲକ ସୁପରଭାଇଜର ଓ କଣ୍ଡକ୍ଟର ଉପସ୍ଥିତ ଥିଲେ।

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଭୋଟର ସଚେତନତା ବାର୍ତ୍ତା

କୋଷାଗୁମୁଡ଼ା, ୨୫।୪(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ପଞ୍ଚାୟତ ସମିତିରେ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏହି ଉପଲକ୍ଷେ ବାହାରିଥିବା ବାଇକ୍ ଶୋଭାଯାତ୍ରାରେ ଶତାଧିକ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଭୋଟର ସଚେତନତା ରଥ ନଗର ପରିକ୍ରମାକରି କର୍ଚ୍ଚାମାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଭୋଟର ସଚେତନତା ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଛି। ସାଧାରଣ ନିର୍ବାଚନରେ ମତଦାନ ଯେପରି ଶତ ପ୍ରତିଶତ ହେବ ସେ ନେଇ ବିଡିଓ ଆଶିଷ ତ୍ରିପାଠୀ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ କୋଷାଗୁମୁଡ଼ା ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

## ସିଦ୍ଧି ବିନାୟକ ମନ୍ଦିରର ପ୍ରତିଷ୍ଠା ଉତ୍ସବ

ଗୁଣପୁର,୨୫।୪(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର କଲେଜ ନିକଟ ସିଦ୍ଧି ବିନାୟକ ମନ୍ଦିରର ୧୪ ତମ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶ୍ରୀ ଗଣେଶଙ୍କ ଚଳନ୍ତି ପ୍ରତିମାକୁ ମନ୍ଦିର ପ୍ରାଙ୍ଗଣରେ ବିରାଜମାନ କରାଯାଇ ପୂଜାର୍ଚ୍ଚନା ସହ ହୋମଯଜ୍ଞ କରାଯାଇଥିଲା । କର୍ତ୍ତା ଭାବେ ଶିବରାମ ରଥ ଏବଂ ପୂଜକ ଭାବେ ନବୀନ ରଥ, ସୂର୍ଯ୍ୟ ନାରାୟଣ ରଥ, ପ୍ରକାଶ ରଥ, ଗୁପ୍ତେଶ୍ୱର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରତିଷ୍ଠା କାର୍ଯ୍ୟକ୍ରମ ପାଇଁ ମନ୍ଦିରରେ ଭଜନ ସଂକୀର୍ତ୍ତନ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## କଂଗ୍ରେସର ଶକ୍ତି ପ୍ରଦର୍ଶନ

- ଶେଷ ଦିନରେ ପୁଣି ନାମାଙ୍କନ ଦାଖଲ କଲେ ସମସ୍ତ ପ୍ରାର୍ଥୀ

ନବରଙ୍ଗପୁର, ୨୫।୪ (ସଦାଶିବ ପ୍ରହରାଜ)

ନାମାଙ୍କନ ପତ୍ର ଦାଖଲର ଶେଷ ଦିନରେ ଏକ ବିରାଟ ପଟୁଆରରେ ଯାଇ ନବରଙ୍ଗପୁର ଲୋକ ସଭା ଏବଂ ଜିଲାର ୪ ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନବରଙ୍ଗପୁର ଚମୁରିଆଗୁଡ଼ାରୁ କଂଗ୍ରେସର ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ସମସ୍ତ କଂଗ୍ରେସ କର୍ମୀ, ନେତା ଏବଂ ପ୍ରାର୍ଥୀମାନେ ସାମିଲ ଥିଲେ। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟରେ ପାଖରେ ପହଞ୍ଚିବା ପରେ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନବରଙ୍ଗପୁର ଲୋକ ସଭା କଂଗ୍ରେସ ଏମ୍‌ପି ପ୍ରାର୍ଥୀ ତଥା ଜିଲା ସଭାପତି ଭୁଜବଳ ମାଝି ନିଜର ନାମାଙ୍କନପତ୍ର ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ଡ. କମଳଲୋଚନ ମିଶ୍ରଙ୍କ ନିକଟରେ ଦାଖଲ କରିଥିଲେ। ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ଦିଲୀପ ପ୍ରଧାନୀ, ଡାବୁଗାଁ ବିଧାନସଭା ପ୍ରାର୍ଥୀ ଡାକ୍ତର ଲିପିକା ମାଝି, ଉମରକୋଟ ବିଧାନସଭା ପ୍ରାର୍ଥୀ ସନରାଜ ଗଣ୍ଡ ଓ ଝରିଗାଁ ବିଧାନସଭା ପ୍ରାର୍ଥୀ ହାରାବତି ଗଣ୍ଡ ରିଟର୍ନିଂ ଅଧିକାରୀଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ଏହି ସମୟରେ କଳାହାଣ୍ଡି ଜିଲା ପ୍ରଭାରୀ ଦ୍ୱାରିକା ମହାପାତ୍ର, ନବରଙ୍ଗପୁର ଜିଲା କଂଗ୍ରେସ ସମ୍ପାଦକ ତଥା ନଗର କଂଗ୍ରେସ ସଭାପତି ପରୀ ସାହୁ, ବରିଷ୍ଠ ଚାଷୀ ନେତା ବୃନ୍ଦାବନ ତ୍ରିପାଠୀ, ଜିଲା ମହିଳା ସଭାନେତ୍ରୀ ପି. ନାଗରତ୍ନମ୍ମା, ଉମରକୋଟ ନଗର କଂଗ୍ରେସ ସଭାପତି ମାର୍କଣ୍ଡ ସାହୁ, ତୁଫାନ ଷଡ଼ଙ୍ଗୀ, ଗୋପାଳ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ ବ୍ଲକ ସଭାପତି, ଜୋନ୍ ସଭାପତି, କଂଗ୍ରେସ ନେତା ଏବଂ ହଜାର ହଜାର ସଂଖ୍ୟକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।



କଂଗ୍ରେସ ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ଶୋଭାଯାତ୍ରାରେ ଯାଇ ନାମାଙ୍କନ ଦେଲେ ଭାଜପା ପ୍ରାର୍ଥୀ



ନାମାଙ୍କପପତ୍ର ଦାଖଲ କରିବାକୁ ଭାଜପା ପ୍ରାର୍ଥୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।



ଭାଜପାର ନବରଙ୍ଗପୁର ଲୋକସଭା ପ୍ରାର୍ଥୀ ଇଂ. ବଳଭଦ୍ର ମାଝି ଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରୁଛନ୍ତି।

ନବରଙ୍ଗପୁର, ୨୫।୪ (ସଦାଶିବ ପ୍ରହରାଜ)

ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ନବରଙ୍ଗପୁର ଲୋକ ସଭା ଓ ଜିଲାରେ ଥିବା ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଉପଲକ୍ଷେ ଭାଜପା ପକ୍ଷରୁ ଏକ ଶୋଭାଯାତ୍ରା ବାହରିଥିଲା। ଶୋଭାଯାତ୍ରାରେ ପ୍ରାର୍ଥୀମାନେ ସାମିଲହୋଇ ଶକ୍ତି ପ୍ରଦର୍ଶନ କରିବା ସହ ନିଜ ନିଜ ନିର୍ବାଚନ ମଣ୍ଡଳୀ ରିଟର୍ନିଂ ଅଧିକାରୀଙ୍କ ପାଖରେ ନାମାଙ୍କନପତ୍ର ଦାଖଲ କରିଥିଲେ।

ଭାଜପା ଲୋକ ସଭା ପାଇଁ ଭାଜପା ପ୍ରାର୍ଥୀ ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଜିଲାପାଳ ତଥା ରିଟର୍ନିଂ ଅଧିକାରୀ କମଳ ଲୋଚନ ମିଶ୍ରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହାପରେ ସେ ଭାଜପା ପକ୍ଷରୁ ବାହାରିଥିବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ଗୌରୀ ଶଙ୍କର ମାଝି, ଉମରକୋଟ ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାନସଭା ପ୍ରାର୍ଥୀ ନରସିଂହ ଭତ୍ରା ଓ ଡାବୁଗାଁ ବିଧାୟକ ପ୍ରାର୍ଥୀ ସୋମନାଥ ପୂଜାରୀ ନିଜର ନାମାଙ୍କନପତ୍ର ରିଟର୍ନିଂ ଅଧିକାରୀଙ୍କ ପାଖରେ ଦାଖଲ କରିଥିଲେ। ଭାଜପାର ଶତାଧିକ ନେତା ଓ କର୍ମୀ ଏକ ବିରାଟ ପଟୁଆରରେ ଚାମୁରିଆଗୁଡ଼ାରୁ ବାହାରି ଗାନ୍ଧୀଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଏକ ବାଇକ୍ ଶୋଭାଯାତ୍ରା ମାଝିଗୁଡ଼ା ଛକସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏହି ନାମାଙ୍କନପତ୍ର ଦାଖଲ ବେଳେ ନବରଙ୍ଗପୁର ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ରାଜ୍ୟ ସମ୍ପାଦକ ରମେଶ ସାହୁ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ନବରଙ୍ଗପୁର ପୌର ପରିଷଦର ୧୦ ନମ୍ବର ୱାର୍ଡ କାଉନସିଲର ଏ.ସତୀଶ, ସମେଶ ଖୋରା, ପୁନମ ସାହୁ , ଅମିତ୍ ପ୍ରଧାନ, ମମତା ମହାରଣା, ନବରଙ୍ଗପୁର ନଗର ଭାଜପା ସଭାପତି ଶ୍ରୀଧର ପାତ୍ର, ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଦାଶ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନତୀ ପଟ୍ଟନାୟକ, ନଗର ମଣ୍ଡଳ ଉପସଭାନେତ୍ରୀ ଜ୍ୟୋତିର୍ମୟୀ ବେହିଆ, ନଗର ଯୁବମୋର୍ଚ୍ଚା ସଭାପତି ସଞ୍ଜୀବ ମହାପାତ୍ର , ସିପୁନ ପଣ୍ଡାଙ୍କ ସମେତ ଭାଜପା ନେତା ଓ ହଜାର ହଜାର ସଂଖ୍ୟକ କର୍ମୀ ଯୋଗଦେଇଥିଲେ।

